# NATIONAL NEWS BULLETIN (ODIA)

**18 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ଆଜି ବିଭିନ୍ନ ରାଷ୍ଟ୍ର ମୁଖ୍ୟଙ୍କ ସହ ସାକ୍ଷାତ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ

- ବିଶାଖାପଟଣାଠାରେ ଅନ୍ତର୍ଜାତୀୟ ଫ୍ଲିଟ୍ ରିଭ୍ୟୁ କାର୍ଯ୍ୟକ୍ରମରେ ଯୋଗଦେଲେ ରାଷ୍ଟ୍ରପତି

- ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ ବିଜ୍ଞପ୍ତି

- ପଶ୍ଚିମବଙ୍ଗରେ ଆଇ-ପାକ୍ କାର୍ଯ୍ୟାଳୟ ତଦନ୍ତ ନେଇ ସୁପ୍ରିମକୋର୍ଟରେ ଇଡି ପକ୍ଷରୁ ଦାୟର ମାମଲାର ଆସନ୍ତା ମାସ୧୮ ତାରିଖରେ ହେବ ପରବର୍ତ୍ତୀ ଶୁଣାଣି

ଏବଂ

- ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୨୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ୟୁଏଇ

# ପିଏମ୍-ବାଇଲେଟେରାଲ୍ସ

ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ ଆଲୋଚନା କରିଛନ୍ତି। ହାଇଦ୍ରାବାଦ ହାଉସ୍‌ଠାରେ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍‌ଙ୍କ ସହ ହୋଇଥିବା ଆଲୋଚନାରେ ଉଭୟ ନେତା ଦ୍ୱିପାକ୍ଷିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ବାଣିଜ୍ୟ ଏବଂ ଅର୍ଥନୀତି, ଡିଜିଟାଲ, ନବସୃଜନ, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ ଶିକ୍ଷା ଆଦି ପ୍ରସଙ୍ଗରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଭାରତ-ୟୁରୋପୀୟ ସଂଘ ସଂପର୍କକୁ ସୁଦୃଢ଼ କରିବାରେ ସ୍ପେନ୍‌ର ନିରନ୍ତର ସମର୍ଥନ ପାଇଁ ଶ୍ରୀ ମୋଦୀ କୃତଜ୍ଞତା ପ୍ରକାଶ କରିଛନ୍ତି ।

ଫିନ୍‌ଲ୍ୟାଣ୍ଡ ପ୍ରତିପକ୍ଷ ଆଣ୍ଟି ପେଟେରି ଓର୍ପୋ ଙ୍କ ସହ ଶ୍ରୀ ମୋଦୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । କୃତ୍ରିମ ବୁଦ୍ଧିମତ୍ତା ଗବେଷଣ, ନବସୃଜନ, ଡିଜିଟାଲାଇଜେସନ୍, ନିରନ୍ତରତା ଆଦି ବିଭିନ୍ନ ପ୍ରସଙ୍ଗରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ମନ୍ତ୍ରଣାଳୟ କହିଛି ।

ଦାୟିତ୍ୱସଂପନ୍ନଭାବେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରକୁ ଗତିଶୀଳ କରିବା ଏବଂ ଏକ ନିରନ୍ତର ଭବିଷ୍ୟତ ପାଇଁ ବୈଷୟିକ ଉପଯୋଗୀ ସମାଧାନର ମାର୍ଗ ଉନ୍ମୁକ୍ତ କରିବାରେ ଉଭୟ ନେତା ସେମାନଙ୍କର ଅଙ୍ଗୀକାରବଦ୍ଧତା

ପ୍ରକାଶ କରିଛନ୍ତି । ଶ୍ରୀ ମୋଦୀ ସର୍ବିଆ ରାଷ୍ଟ୍ରପତି ଆଲେକ୍‌ସାଣ୍ଡର ଓ୍ୱଚିଚ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ।

ଏଥିସହ ଶ୍ରୀ ମୋଦୀ ଆଜି କ୍ରୋଏସିଆ ପ୍ରଧାନମନ୍ତ୍ରୀ ଆଣ୍ଡ୍ରେଜ୍ ପ୍ଲେଙ୍କୋଭିଚ୍, ଏସ୍ତୋନିଆ ରାଷ୍ଟ୍ରପତି ଅଲାର କାରିସ୍, ଭୁଟାନ ପ୍ରଧାନମନ୍ତ୍ରୀ ଦାସୋ ଶେରିଂ ତୋବଗେ ଏବଂ କାଜାକ୍‌ସ୍ତାନ ପ୍ରଧାନମନ୍ତ୍ରୀ ଓଲ୍‌ଝାସ ବେକ୍ଟେନୋଭ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ସକାଳେ ଗୁଗୁଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନ୍ଦର ପିଚାଇଙ୍କ ସହ ଆଲୋଚନା କରିଛନ୍ତି ।

---

## ବୈଷ୍ଣବ-ଓ୍ୱାର୍ଲଡ ରେକର୍ଡ

କୃତ୍ରିମ ବୁଦ୍ଧିମତ୍ତା ଦାୟିତ୍ୱ ଅଭିଯାନ ଅଧୀନରେ ସର୍ବାଧିକ ପ୍ରତିଜ୍ଞା ବର୍ଗରେ ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି । ଭାରତ ଏ.ଆଇ. ଏବଂ ଇଣ୍ଟେଲ୍ ଇଣ୍ଡିଆର ଏହି ଅଭିଯାନ ଅଧୀନରେ ଗତ ୨୪ ଘଣ୍ଟା ମଧ୍ୟରେ ଅଢ଼େଇଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଜ୍ଞା ନେଇଛନ୍ତି । ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ସଫଳତା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳନ କରୁଛି। ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ସହ ଯୋଗାଯୋଗ କରାଯିବା ସହ କୃତ୍ରିମ ବୁଦ୍ଧିମତ୍ତାକୁ ଏକ ଉପକରଣ ଭାବେ ବ୍ୟବହାର କରିବା ନେଇ ପ୍ରତିଜ୍ଞା କରିବାକୁ ଉତ୍ସାହିତ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ପ୍ରେଜ୍-ଏପି

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଆନ୍ତର୍ଜାତିକ ଫ୍ଲିଟ୍ ରିଭ୍ୟୁ – ଆଇ.ଏଫ୍.ଆର୍. ୨୦୨୬ କାର୍ଯ୍ୟକ୍ରମ ଜାରି ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏଥବରେ ଯୋଗ ଦେଇଛନ୍ତି । ସେଠାରେ ପହଞ୍ଚିବା ପରେ ପୂର୍ବ ନୌସେନା କମାଣ୍ଡଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଆଇଏନ୍ଏସ୍ ସୁମେଧା ୟାଟ୍ ରେ ଯାତ୍ରା କରି ବିଶାଖାପଟନମ୍ ଉପକୂଳରେ ରହିଥିବା ଭାରତୀୟ ଓ ବିଦେଶୀ ନୌସେନା ଜାହାଜଗୁଡ଼ିକୁ ନିରୀକ୍ଷଣ କରୁଛନ୍ତି ।

ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ୧୦୦ରୁ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ରଗୁଡ଼ିକର ଜାହାଜ, ବୁଡ଼ାଜାହାଜ, ବିମାନ ଏବଂ ପ୍ରତିନିଧି ମଣ୍ଡଳୀ ଏଥିରେ ଅଂଶଗ୍ରହଣ କରୁଛନ୍ତି । ବିଶ୍ୱ ନୌସେନା, ଶକ୍ତି, ସହଯୋଗ ଏବଂ ଭାରତ ବ୍ୟାପକ ସାମୁଦ୍ରିକ ଦୃଷ୍ଟିକୋଣକୁ ଏହା ପ୍ରତିଫଳିତ କରୁଛି ।

ଏହି କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଏସ୍. ଅବଦୁଲ ନଜୀର୍, ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, କେନ୍ଦ୍ରମନ୍ତ୍ରୀ କେ. ରାମମୋହନ ନାଇଡୁ, ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ ଓ ଅନ୍ୟାନ୍ୟ ବରିଷ୍ଠଅଧିକାରୀ ଯୋଗ ଦେଇଛନ୍ତି । ୨୦୧୬ ପରେ ଦ୍ୱିତୀୟ ଥର ପାଇଁ ବିଶାଖାପଟନମ୍ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

---

## ଇସି-ଆର୍ଏସ୍

ଦଶଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ନେଇ ଭାରତୀୟ ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି । ଆସନ୍ତା ୨୬ ତାରିଖରେ ଏ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ମାର୍ଚ୍ଚ ୫ ତାରିଖ

ସୁଦ୍ଧା ନାମାଙ୍କନପତ୍ର ଦାଖଲ କରିବାର ସମୟସୀମା ଧାର୍ଯ୍ୟ ହେବ । ମାର୍ଚ୍ଚ ୧୬ ତାରିଖରେ ଭୋଟ୍ ଗ୍ରହଣ କରାଯିବ ବୋଲି ଆୟୋଗ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ଏନ୍.ସି.ପି.-ଏସ୍‌ପି ନେତା ଶରଦ ପଓ୍ୱାର ପ୍ରମୁଖଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି ।

## ଏସ୍‌ସି-ଡବ୍ଲୁବି ଇଡି ରେଡ୍

ପଶ୍ଚିମବଙ୍ଗରେ ରାଜନୈତିକ ପରାମର୍ଶଦାତା ସଂସ୍ଥା ଇଣ୍ଡିଆନ୍ ପଲିଟିକାଲ୍ ଆକ୍ସନ କମିଟି-ଆଇ.ପାକ୍ ର କାର୍ଯ୍ୟାଳୟ ଏବଂ ଏହାର ସହପ୍ରତିଷ୍ଠାତା ପ୍ରତୀକ୍ ଜୈନଙ୍କ ବାସଭବନରୁ ଇଡି ପକ୍ଷରୁ ହୋଇଥିବା ଚଢ଼ାଉ ସଂକ୍ରାନ୍ତ ମାମଲାର ପରବର୍ତ୍ତୀ ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ମାସ ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି । ଚଢ଼ାଉ ଅଭିଯାନ ସମୟରେ ପଶ୍ଚିମବଙ୍ଗ ସରକାର ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହସ୍ତକ୍ଷେପ ଅଭିଯୋଗ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାୟର କରାଯାଇଛି । ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଆଜିର ଶୁଣାଣିବେଳେ ଜବାବ ଦାଖଲ କରିବା ପାଇଁ ସମୟ ମାଗିବାରୁ ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥଙ୍କ ଖଣ୍ଡପୀଠ ମାମଲାର ଶୁଣାଣି ଆସନ୍ତାମାସ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି । ଏହି ମାମଲା ଶୁଣାଣିରେ ପୂର୍ବରୁ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାର ସୃଷ୍ଟି କରିଥିବା ପ୍ରତିବନ୍ଧକକୁ ଅତ୍ୟନ୍ତ ଗମ୍ଭୀର ବୋଲି ଅଭିହିତ କରିଥିଲେ । ରାଜ୍ୟର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଗୁରୁତର ଅପରାଧ ଅଭିଯୋଗ ନେଇ କେନ୍ଦ୍ରୀୟ ସଂସ୍ଥାର ତଦନ୍ତରେ ହସ୍ତକ୍ଷେପ କରିପାରିବେ କି

ନାହିଁ, ଏହା ଉପରେ ସମୀକ୍ଷା କରିବାକୁ ସୁପ୍ରିମକୋର୍ଟରେ ଏହି ମାମଲା ଶୁଣାଣି ହେଉଛି ।

## ଟେକ୍ସଟାଇଲ୍-ଇଣ୍ଡିଆ ୟୁଏସ୍‌ବି

ଭାରତ ଏବଂ ଆମେରିକା ମଧ୍ୟରେ ମଧ୍ୟବର୍ତ୍ତିକାଳୀନ ବାଣିଜ୍ୟ ଚୁକ୍ତିନାମାକୁ ବୟନଶିଳ୍ପ କ୍ଷେତ୍ର ପ୍ରଶଂସା କରିଛି । ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନାକାଳରେ ହସ୍ତନିର୍ମିତ ବୟନଶିଳ୍ପ ରପ୍ତାନୀ ପ୍ରୋତ୍ସାହନ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ସଦସ୍ୟ ସଞ୍ଜୀବ ଶରନ୍ କହିଛନ୍ତି, ଶୁଳ୍କ ହ୍ରାସ ରପ୍ତାନୀକାରୀଙ୍କୁ ସୁଫଳ ପ୍ରଦାନ କରିବ । ଏଭଳି ପଦକ୍ଷେପ ଭାରତରେ ନିବେଶ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ସହ ମିଳିତ ଉଦ୍ୟୋଗ ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିବ ବୋଲି ସେ କହିଛନ୍ତି ।

## ବୁଦ୍ଧ ଆସେସ୍

ଭଗବାନ ବୁଦ୍ଧଙ୍କ ଦେହାବଶେଷ ଆଜି ଶ୍ରୀଲଙ୍କାରୁ କାଞ୍ଚିପୁରମ୍‌ରେ ପହଞ୍ଚିଛି । ଅସ୍ଥାୟୀ ଭାବରେ ଭାରତରୁ ଏହାକୁ ଶ୍ରୀଲଙ୍କାକୁ ନିଆଯାଇଥିଲା । କାଞ୍ଚିପୁରମ୍‌ରେ ପହଞ୍ଚିଲା ପରେ ଏହାକୁ ବୁଦ୍ଧବିହାରକୁ ନିଆଯାଇଛି । ସେଠାରେ ବୌଦ୍ଧଧର୍ମାବଲମ୍ବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବୌଦ୍ଧଧର୍ମଗୁରୁ ରଥିନା ଥେରାରଙ୍କ ନେତୃତ୍ୱରେ ସେଠାରେ ପ୍ରାର୍ଥନା କରାଯାଇଛି । ପଲ୍ଲବ ରାଜବଂଶ ସମୟରେ ଦ୍ୱିତୀୟ ଶତାବ୍ଦୀରୁ ଦକ୍ଷିଣ ଭାରତରେ କାଞ୍ଚିପୁରମ୍ ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ଭାବେ ମାନ୍ୟତା ପାଇ ଆସିଛି ।

# ଇଏନ୍‌ଭିଟି-ଚିତ୍ତା ପ୍ରୋଜେକ୍ଟ

ଦକ୍ଷିଣ ଆଫ୍ରିକୀୟ ଚିତ୍ତାବାଘ 'ଗାମିନୀ' କୁନୋ ଜାତୀୟ ପାର୍କରେ ତିନୋଟି ଶାବକ ଜନ୍ମ ଦେଇଛି । ଏଥିସହ ଦେଶରେ ଚିତ୍ତାବାଘ ସଂଖ୍ୟା ୩୮କୁ ବୃଦ୍ଧି ପାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଭାରତରେ ଜନ୍ମିତ ଚିତ୍ତାବାଘଙ୍କ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି । ସେ କହିଛନ୍ତି, 'ଗାମିନୀ' ଦ୍ୱିତୀୟ ଥର ପାଇଁ ମା' ହେଉଛି । ଦକ୍ଷିଣ ଆଫ୍ରିକାରୁ ଭାରତକୁ ଚିତ୍ତାବାଘ ଅଣାଯିବାର ଇତିମଧ୍ୟରେ ୩ ବର୍ଷ ପୂରଣ ହୋଇଛି । ପ୍ରତ୍ୟେକ ଶାବକ ପ୍ରୋଜକ୍ଟ ଚିତ୍ତା ଅଭିଯାନକୁ ସଶକ୍ତ କରୁଛି ବୋଲି ସେ କହିଛନ୍ତି ।

ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ୨୦୨୨-୨୩ରେ ନାମ୍ବିଆ ଏବଂ ଦକ୍ଷିଣ ଆଫ୍ରିକାରୁ ୨୦ଟି ଚିତ୍ତାବାଘ ଭାରତକୁ ଆସିଥିଲେ । ବିଶ୍ୱସ୍ତରରେ ପ୍ରଥମଥର ପାଇଁ ଅନ୍ତର୍ମହାଦେଶୀୟ ଚିତ୍ତାବାଘ ସ୍ଥାନାନ୍ତର ସଂପନ୍ନ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟକ୍ତିଗତ ଭାବେ ୨୦୨୨ ସେପ୍ଟେମ୍ବର ୧୭ ତାରିଖରେ ପ୍ରଥମ ୮ଟି ଚିତ୍ତାବାଗକୁ କୁନ ଜାତୀୟ ପାର୍କରେ ଛାଡ଼ିଥିଲେ ।

# ଇଣ୍ଡିଆ ଏଆଇ ଇମ୍ପାକ୍ଟ-ବୈଷ୍ଣବ

ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀର ଦ୍ୱିତୀୟ ଦିନରେ ଗତକାଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୱେଭସ୍ କ୍ରିଏଟର୍ସ କର୍ଣ୍ଣର ଉଦ୍‌ଘାଟନ କରିଥିଲେ । ସମାବେଶକୁ ସମ୍ବୋଧନ କରି ଶ୍ରୀ ବୈଷ୍ଣବ

ୱେବ୍‌ସ କ୍ରିଏଟର୍ସ କର୍ଣ୍ଣର, ୱେବ୍ ଏକ୍ସ, ୱେବ୍‌ସ ବଜାର ଏବଂ ଭାରତରେ ପ୍ରସ୍ତୁତ ଆହ୍ୱାନଗୁଡ଼ିକ ଉପରେ ଆଧାରିତ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଗୁଡ଼ିକ ସଂପର୍କରେ ଆଲୋକପାତ କରିଥିଲେ । ଶିଳ୍ପ ଚାହିଦା ପୂରଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ ଲକ୍ଷ୍ୟରେ ସୃଜନଶୀଳ ଶିକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ପାଇଁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜିକୁ ଶ୍ରୀ ବୈଷ୍ଣବ ଉଚ୍ଚପ୍ରଶଂସା କରିଛନ୍ତି । ଏହି ଅବସରରେ 'ୱେବ୍‌ସ' କ୍ଷେତ୍ରରେ ୫୧ଟି ମିଡ଼ିଆ-ଟେକ୍ ଷ୍ଟାର୍ଟଅପ୍ ଏବଂ ବିଭିନ୍ନ ଆହ୍ୱାନ ଆଧାରିତ ବିଜେତାଙ୍କ ସହିତ ମନ୍ତ୍ରୀ ଶ୍ରୀ ବୈଷ୍ଣବ ମତ ବିନିମୟ କରିଥିଲେ ।

## ଟି-୨୦ ୱାର୍ଲଡ କପ୍

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଏବଂ ୟୁଏଇ ମଧ୍ୟରେ ଜାରି ରହିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୟୁଏଇ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୨୨ ରନ୍ ସଂଗ୍ରହ କରିଛି । ବର୍ଷା ଯୋଗୁଁ ଖେଳ କିଛି ସମୟ ବନ୍ଦ ରହିବା ପରେ ଏବେ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଚାଲିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୩ ଓଭର୍‌ରେ ୧ ୱିକେଟ୍ ବିନିମୟରେ ୩୨ ରନ୍ ସଂଗ୍ରହ କରିଥିଲା ।

ଅପରାହ୍ଣ ୩ଟାରେ କଲମ୍ବୋରେ ପାକିସ୍ତାନ ଓ ନାମିବ୍ୟା ମଧ୍ୟରେ ଆଜିର ଦ୍ୱିତୀୟ ମ୍ୟାଚ୍ ଏବଂ ଅହମ୍ମଦାବାଦଠାରେ ସନ୍ଧ୍ୟା ୭ଟାରେ ଭାରତ ଓ ନେଦରଲ୍ୟାଣ୍ଡ୍ସ ମଧ୍ୟରେ ତୃତୀୟ ମ୍ୟାଚ୍ ଖେଳାଯିବ ।

---